## ନଳଗଜା ହସ୍‌ପିଟାଲରେ ଅବ୍ୟବସ୍ଥା

# ବାରଣ୍ଡାରେ ଗୁରୁତର ରୋଗୀ; ସାଧାରଣରେ ଅସନ୍ତୋଷ

ରାସଗୋବିନ୍ଦପୁର,୭।୬(ସମିସ): ନଳଗଜା ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟସେବାର ବାସ୍ତବ ଚିତ୍ରକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛିଦିନ ପୂର୍ବରୁ ନୂତନ ହସ୍‌ପିଟାଲ ଭବନର ଉଦ୍‌ଘାଟନ ହୋଇଥିବାବେଳେ ରୋଗୀଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ଶଯ୍ୟା ସୁବିଧା ମଧ୍ୟ କରାଯାଇଥିଲା। ତେବେ ରବିବାର ଜଣେ ଗୁରୁତର ରୋଗୀ ହସ୍‌ପିଟାଲକୁ ଉକାଶୋଳରୁ ଆସିଥିବାବେଳେ ସେ ବାରଣ୍ଡାରେ ପଡ଼ି ରହିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସେହି ସମୟରେ ହସ୍ପିଟାଲର କବାଟ ଭିତରୁ ବନ୍ଦ ଥିଲା ଓ କର୍ମଚାରୀ ଭିତରେ ବିଶ୍ରାମ ନେଉଥିଲେ। ବାରମ୍ବାର ଡାକିବା ସତ୍ତ୍ୱେ କେହି ଶୁଣି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ପ୍ରଶ୍ନ ଉଠୁଛି ଯେ, ରବିବାର ଦିନ ଜରୁରୀ ସ୍ୱାସ୍ଥ୍ୟସେବା ବନ୍ଦ ରହିଥାଏ କି? ଯଦି ସ୍ୱାସ୍ଥ୍ୟକେନ୍ଦ୍ର ଛୁଟି ଥିଲା, ତେବେ ସେଠାରେ କର୍ମଚାରୀଙ୍କ ଉପସ୍ଥିତି କାହିଁକି ଥିଲା? ସରକାର ଗ୍ରାମାଞ୍ଚଳରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ ଥିବାବେଳେ ନଳଗଜା ସ୍ୱାସ୍ଥ୍ୟକେନ୍ଦ୍ରର ଏହି ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସହ ଗ୍ରାମାଞ୍ଚଳରେ ଜରୁରୀ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ଅସୁରଖାଲ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

ଠାକୁରମୁଣ୍ଡା,୭।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଠାକୁରମୁଣ୍ଡା ବ୍ଲକ୍‌ର ୨ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଏହି ଦୁଇଟି ବିଦ୍ୟାଳୟର ଉନ୍ନତିକରଣ ପାଇଁ ଆଜି ଶିଳାନ୍ୟାସ କରାଯାଇଛି। ଭଲିଆଡାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସୁରଖାଲ ପ୍ରାଥମିକ ବିଦ୍ୟାଳୟ ଓ ତାଳପଦା ପଞ୍ଚାୟତର ତାଳପଦା ପ୍ରାଥମିକ ବିଦ୍ୟାଳୟ ଶିଳାନ୍ୟାସ ହୋଇଛି। ତାଳପଦା ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଯୋଗ ଦେଇଥିଲେ। ତାଳପଦା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାକର ବେହେରାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ବାରିକ, ସିଆରସିସି ସପନ କୁମାର ମହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ସିଆରସିସି ଉପସ୍ଥିତ ଥିଲେ। ସେହିପରି ଅସୁରଖାଲ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଓ ସଂଯୁକ୍ତା ନାୟକ, ମୁଖ୍ୟବକ୍ତା ଭାବେ ବିଡିଓ ସପନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସୟ, ଟିସି ସତ୍ୟଜିତ ମିଶ୍ର ଯୋଗ ଦେଇଥିଲେ। ମଞ୍ଚକୁ ସିଆରସିସି ତପନ କୁମାର ପଣ୍ଡା ପରିଚାଳନା କରିଥିଲେ।



# ନୂଆସାହି ଡିଗ୍ରୀ କଲେଜରେ ଏସ୍‌ଆଇଆର ସଚେତନତା



କପ୍ତିପଦା,୭।୬ (ସମିସ): ନୂଆସାହି ଡିଗ୍ରୀ ମହାବିଦ୍ୟାଳୟରେ ଉପଜିଲ୍ଲାପାଳ କପ୍ତିପଦା ଉଦଳାଙ୍କ ନିର୍ଦ୍ଦେଶକ୍ରମେ କପ୍ତିପଦା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଭରତୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଆର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ସେନାପତି ଅଧ୍ୟକ୍ଷତା କରିଥିବାବେଳେ ଏସଆଇଆରର ବ୍ଲକ ସୁପରଭାଇଜର ପ୍ରଫୁଲ୍ଲ ବରାଳ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପିଲାମାନଙ୍କୁ ତଥା ମହାବିଦ୍ୟାଳୟ କର୍ମଚାରୀଙ୍କୁ ପ୍ରଚଳିତ ଏହି କାଯ୍ୟକ୍ରମରେ ନିର୍ଭୁଲ ତଥ୍ୟ ପ୍ରଦାନ କରିବା ସହିତ ବିଏଲଓଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଡ. ଲିପିକା ବେହେରା, ଅଧ୍ୟାପକ ଲମ୍ବୋଦର ବାରିକ, ଡ. ମମତା ମହାନ୍ତି, ମଧୁମିତା ସାହୁ, ସହଗ୍ରନ୍ଥଗାରିକ ଶଶୀଧର ଜେନା, ବରିଷ୍ଠ ଲିପିକ ରତିକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଦର୍ଶନ ବିଭାଗ ଅଧ୍ୟାପିକା ମଞ୍ଜୁନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଇଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ



ରାଇରଙ୍ଗପୁର,୭।୬(ସମିସ): ବାମନଘାଟି ଉପଖଣ୍ଡରେ ଦୁଇଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ କରାଯାଇଛି। ଜାମଦା ବ୍ଲକ୍ ଅନ୍ତର୍ଗତ ଟେଣ୍ଡରା ପ୍ରାଥମିକ ବିଦ୍ୟାଳୟ ଓ ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ବଡ଼ବାଇକଳାସ୍ଥ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନାରେ ମାନ୍ୟତା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ବରଡିହିରେ କାଳବୈଶାଖୀ, ବଜ୍ରପାତରେ ୩ ଗୋରୁ ମୃତ



କୁଆମରା,୭।୬(ସମିସ):ଗୋପବନ୍ଧୁନଗର ବ୍ଲକ୍ ବରଡିହି ପଞ୍ଚାୟତର ଆଜି ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପ୍ରତ୍ୟାଶିତ ବର୍ଷା ସାଙ୍ଗକୁ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାରୁ ଗ୍ରାମର ସନ୍ତୋଷ କୁମାର ନାୟକଙ୍କ ସମେତ ଅନେକ ଘରର ଛପର ଉଡ଼ାଇ ନେଇଛି। ଫଳରେ ଅନେକ କ୍ଷୟକ୍ଷତି ଘଟାଇଥିବାର ଜଣାପଡିଛି। କେତେକ ସ୍ଥାନରେ ବଡ଼ ବଡ଼ ପୁରୁଣା ଗଛ ଭାଙ୍ଗି ପଡ଼ିବା ଯୋଗୁଁ ଘରର କ୍ଷୟକ୍ଷତି ଘଟିଛି। ବଜ୍ରପାତ ହେବା ଯୋଗୁଁ କିରିକିଚିଆ ଗ୍ରାମର କଲୋନୀ ସାହିରେ ବିଜୟ ଖଣ୍ଡେଇଙ୍କ ଗୋଟିଏ ଓ ଭାସ୍କର ବେହେରାଙ୍କ ଦୁଇଟି ଗୋରୁଙ୍କ ମୃତ୍ୟୁ ଘଟିଛି। ବର୍ଷା ପବନ ସମୟରେ ଗୋରୁ ରାସ୍ତା ପାଖରେ ଛିଡ଼ା ହୋଇଥିବାବେଳେ ବଜ୍ରପାତ ଘଟିଥିଲା।

# ସାଇକଲ ଯାତ୍ରା କରି ବନ କର୍ମଚାରୀଙ୍କ ସଚେତନତା ବାର୍ତ୍ତା

ମହୁଲଡିହା,୭।୬(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ସୁସ୍ଥତା, ସୁସ୍ୱାସ୍ଥ୍ୟ ପାଇଁ ସାଇକଲ ଚାଳନାର ବାର୍ତ୍ତା ନେଇ ସାଇକଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଫିଟ ଇଣ୍ଡିଆ ଆନ୍ଦୋଳନର ଡାକରା ଆଧାରରେ ବିଶ୍ୱ ସାଇକଲ ଦିବସ ପାଇଁ ରବିବାର ସକାଳେ ରେଞ୍ଜ କାର୍ଯ୍ୟାଳୟ ନିକଟରୁ ବ୍ଲକ ଅଫିସ, ଦିଗଧର, ଖୁଣ୍ଟାପୋଷି ଦେଇ ପୁନର୍ବାର କାର୍ଯ୍ୟାଳୟକୁ ଫେରିଥିଲେ। ସାଇକଲ ଚାଳନାରେ ନିଜକୁ ଫିଟ ରଖିବା ସହିତ ପରିବେଶର ଅନୁକୂଳତା ସମ୍ଭବ ହେବ। ତୈଳ ସଙ୍କଟ ମୁକାବିଲା ପାଇଁ ସାଇକଲ ଶ୍ରେଷ୍ଠ ଉଦ୍ଭାବନ। ପୂର୍ବରୁ ଲୋକେ ସାଇକଲ ବ୍ୟବହାର ଦ୍ୱାରା ନିରୋଗ ରହୁଥିଲେ ଓ ପରିବେଶ ସୁସ୍ଥ ଥିଲା ବୋଲି ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା କହିଥିଲେ। ଆସନ୍ତୁ ସମସ୍ତେ ସ୍ଥାନୀୟ ଅଞ୍ଚଳରେ ସାଇକଲ ବ୍ୟବହାର କରିବା, ସୁସ୍ଥ, ନିରୋଗ ରହିବା ସହିତ ପରିବେଶକୁ ସୁସ୍ଥ ରଖିବା ବୋଲି ଆହ୍ୱାନ ଦେଇଥିଲେ।



# ତାଳପଦା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

ମହୁଲଡିହା,୭।୬(ସମିସ): ଠାକୁରମୁଣ୍ଡା ବ୍ଲକର ତାଳପଦା ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି। ବିଇଓ ଚତୁର୍ଭୁଜ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆଭାସୀ ଯୋଗେ ସିଧା ପ୍ରସାରଣକୁ ଲୋକଙ୍କ ସହ ବସି ଶୁଣିଥିଲେ। ଏ ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାର ଥିବା କାର୍ଯ୍ୟକ୍ରମ ସିଧା ପ୍ରସାରଣ ଦେଖିବାକୁ ମିଳିଥିଲା। ପ୍ରାଥମିକ ଶିକ୍ଷା ଆମର ମୂଳଦୁଆ, ପ୍ରାଥମିକ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଆମ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିଧାୟକ କହିଥିଲେ। ଶେଷରେ ସିଆରସିସି ସପନ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ବେହେରା, ଅରୁଣ ପଲେଇ, ଯୁଧିଷ୍ଠିର ମହାନ୍ତ, ରବୀନ୍ଦ୍ର କୁମାର ବାରିକ, ପ୍ରଦ୍ୟୁମ୍ନ ବାରିକଙ୍କ ସମେତ ୮ଟି କ୍ଲଷ୍ଟରର ସିଆରସିସି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।



# ଅବସରପ୍ରାପ୍ତ ଯବାନଙ୍କୁ ଜନ୍ମମାଟିରେ ଭବ୍ୟ ସ୍ୱାଗତ

ଶରତ/ଠାକୁରମୁଣ୍ଡା,୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ହାତୀଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଘୋଡ଼ାବିନ୍ଧା ଗ୍ରାମର ଜଗମୋହନ ପୂର୍ତ୍ତି ଦୀର୍ଘ ୪୦ ବର୍ଷ ଧରି ଦେଶ ମାତୃକାର ସେବା କରି ମେ' ମାସ ୩୧ ତାରିଖ ଦିନ ଅବସର ଗ୍ରହଣ କରି ନିଜ ଗ୍ରାମକୁ ଫେରିଛନ୍ତି। ଜୁନ ୩ ତାରିଖ ଦିନ ସକାଳ ୧୦ ଘଟିକା ସମୟରେ ସେ ଓ ତାଙ୍କ ପରିବାର ଠାକୁରମୁଣ୍ଡାରେ ପହଞ୍ଚିବା ପରେ ଗ୍ରାମବାସୀ ପାରମ୍ପରିକ ବାଦ୍ୟ ବଜାଇ, ନାଚି ନାଚି ତାଙ୍କୁ ସ୍ୱାଗତ କରିଥିଲେ। ଜଗମୋହନ ୧୯୮୬ରେ ବିଏସଏଫରେ ଯୋଗଦେଇ ଭିନ୍ନ ଭିନ୍ନ ରାଜ୍ୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ଜଗମୋହନ ପୂର୍ତ୍ତି କାରଗିଲ ଯୁଦ୍ଧ, ଅପରେସନ ସିନ୍ଦୁର ଭଳି ମିଶନରେ କାର୍ଯ୍ୟ କରିଥିଲେ। ତତ୍‌ସହିତ ଅନେକ ନକ୍ସଲ ଦମନ ଅପରେସନରେ କାର୍ଯ୍ୟ କରିବା ସହିତ ଆସାମ, ତ୍ରିପୁରା, ପଞ୍ଜାବ, ଜାମ୍ମୁ ଓ କାଶ୍ମୀର, ଲଦାଖ ଆଦି ରାଜ୍ୟରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଅବସର ପରେ ନିଜ ଅଞ୍ଚଳରେ ଏଭଳି ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଖି ସେ ଭାବବିହ୍ୱଳ ହୋଇଥିଲେ। ଏହି ସମ୍ବର୍ଦ୍ଧନା ସ୍ମୃତି ତାଙ୍କୁ ସେନାରୁ ଅବସର ନେବା ପରେ ମଧ୍ୟ ସମାଜସେବା କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।



# ଡାକ୍ତରୀ ଛାତ୍ରୀଙ୍କ ପରିବାରକୁ ଭେଟିଲା କଂଗ୍ରେସ ଟିମ୍ ଭେଟିଲା



ଉଦଳା,୭।୬(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ଘରେ ପହଞ୍ଚିଲା କଂଗ୍ରେସ ଟିମ। କଂଗ୍ରେସ ଜିଲ୍ଲା ସଭାପତିଙ୍କ ସହିତ ଏକ ଟିମ ଯାଇ ଚନ୍ଦ୍ରିକାଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ଘଟଣାକୁ ୩ ଦିନ ବିତିଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ପୁଲିସ କି ପଦକ୍ଷେପ ନେଇଛି, ତାହାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ଏଥିସହିତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଦରକାର। ଯେଉଁ ପୁରୁଷ ବନ୍ଧୁ ଏହି ଘଟଣାର ମୁଖ୍ୟ ନାୟକ ସାଜିଥିଲେ ତାଙ୍କର ପତ୍ତା ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ତୁରନ୍ତ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହିତ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି କଂଗ୍ରେସ। ଆଗାମୀ ଦିନରେ କଂଗ୍ରେସ ଟିମ ପୁଲିସ ଡିଜିଙ୍କୁ ଭେଟିବ ବୋଲି କହିଛି।

# ଲକ୍ଷ୍ମୀନାରାୟଣ ବିଦ୍ୟାଳୟରେ ଅଲଚିକି ପରୀକ୍ଷା ଶେଷ

ଠାକୁରମୁଣ୍ଡା,୭।୬(ସମିସ):ସାନ୍ତାଳୀ ଜାତିର ନିଜସ୍ୱ ଲିପି ଅଲଚିକିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ତିନିଦିନିଆ ଅଲଚିକି ପରୀକ୍ଷା ଆଜି ଶେଷ ହୋଇଛି। ଆଦିବାସୀ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଗତ ୫ରୁ ଆରମ୍ଭ ହୋଇ ୭ ତାରିଖରେ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତର ଲକ୍ଷ୍ମୀନାରାୟଣ ନୂତନ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ସ୍ନାତକ ସ୍ତରର ମୋଟ ୧୯୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ଟୁଡୁ ପରୀକ୍ଷା ପରିଚାଳନା କରିଥିଲେ। କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ଉଦୟନାଥ ମୁର୍ମୁ ଓ ଉପ-ପର୍ଯ୍ୟବେକ୍ଷକ ଭାବେ କରୁଣାକର ହେମ୍ବ୍ରମ ଦାୟିତ୍ୱ ନିର୍ବାହ କରିଥିଲେ। ଭାଷା ଶିକ୍ଷକ ଲାଲମୋହନ ମୁର୍ମୁ, ଠାକୁରଦାସ ହାଁସଦା, ଝାନମୁନି ମାରାଣ୍ଡି, ଗୌରୀମଣି ଟୁଡୁ, ମାଳତୀ ମାରାଣ୍ଡି ଓ ଅନନ୍ତ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।



## ବନମାଳୀ ମହାନ୍ତି ସ୍ମାରକୀ କ୍ରିକେଟ୍

# ଲଳିତ ଏକାଦଶ ଚାମ୍ପିଅନ

ରାସଗୋବିନ୍ଦପୁର,୭।୬(ସମିସ): ରାସଗୋବିନ୍ଦପୁରରେ ଆୟୋଜିତ ୬୯ତମ ରଜ ଉତ୍ସବ ଅବସରରେ ବନମାଳୀ ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ରାସଗୋବିନ୍ଦପୁରର ଲଳିତ ଏକାଦଶ ଓ ଗାଁ ଅର୍ମଦା ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଗାଁ ଅର୍ମଦା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ଟି ୱିକେଟ୍ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ରାସଗୋବିନ୍ଦପୁର ଲଳିତ ଏକାଦଶ ଚମତ୍କାର ବ୍ୟାଟିଂ କରି ୧୦.୩ ଓଭରରେ ୮ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳକୁ ଇନ୍ଦ୍ରଜିତ ଓ ସ୍ମୃତିରଞ୍ଜନ ପରିଚାଳନା କରିଥିଲେ। ରଜ ଉତ୍ସବ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ସେହିଦିନ ବିଭିନ୍ନ ପ୍ରକାର କ୍ରୀଡ଼ା ଉତ୍ସବ ଆୟୋଜିତ ହେବ ବୋଲି ରଜ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାରିପଦା,୭।୬(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ଅକାଳ ମୃତ୍ୟୁ ଘଟଣା ସମଗ୍ର ଆଦିବାସୀ ସମାଜ ସମେତ ସାଧାରଣ ଜନତାଙ୍କ ମଧ୍ୟରେ ଗଭୀର ଶୋକ, ଉଦବେଗ ଓ ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ମାସାଆର୍ମୀ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଶ୍ରୀ ମାରାଣ୍ଡି କହିଛନ୍ତି, ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା, ତାହାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ନିହାତି ଆବଶ୍ୟକ। ଯଦି ତଦନ୍ତରୁ ଏହା ହତ୍ୟା ବୋଲି ପ୍ରମାଣିତ ହୁଏ, ତେବେ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁଯାୟୀ କଠୋରରୁ କଠୋର ଦଣ୍ଡ ଦିଆଯିବା ଉଚିତ। ଯଦି ଏହା ଆତ୍ମହତ୍ୟା ବୋଲି ଜଣାପଡ଼େ, ତେବେ ଚନ୍ଦ୍ରିକା କେଉଁ ପରିସ୍ଥିତିରେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ, କିମ୍ବା କୌଣସି ବ୍ୟକ୍ତି ତାଙ୍କୁ ମାନସିକ ନିର୍ଯାତନା, ଚାପ କିମ୍ବା ଉସକାଣି ଦେଇ ଆତ୍ମହତ୍ୟା ପାଇଁ ପ୍ରେରିତ କରିଥିଲେ କି ନାହିଁ, ତାହାର ମଧ୍ୟ ଗଭୀର ତଦନ୍ତ କରାଯିବା ଆବଶ୍ୟକ। ଏପରି କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ ମଧ୍ୟ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ମାସାଆର୍ମୀ ପକ୍ଷରୁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗକୁ ଏହି ଘଟଣାର ନିରପେକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ତଦନ୍ତ କରି ପ୍ରକୃତ ସତ୍ୟ ପଦାକୁ ଆଣିବା ସହ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦୃଢ଼ ଦାବି କରାଯାଇଛି।

# ବାଲି ଉତ୍ତୋଳନ ବେଳେ ଦୁଇଟି ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୭।୬(ସମିସ): ବାମନଘାଟି ଉପଖଣ୍ଡରେ ବେଆଇନ ବାଲି ଚାଲାଣ ଥମିବାର ନାଁ ନେଉନି। ବହଳଦା ଥାନା ଅଞ୍ଚଳରେ ବାଲି ଚାଲାଣ ବେଳେ ଦୁଇଟି ଟ୍ରାକ୍ଟର ଜବତ କରାଯାଇଛି। ବହଳଦା ଥାନା ଅନ୍ତର୍ଗତ ଖଡ଼ଖାଇ ନଦୀକୂଳରେ ବାସିଙ୍ଗୀ ବାଲି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ଓ ଅନ୍ୟମାନେ ଚମ୍ପଟ ମାରିଥିବାବେଳେ ୨ଟି ଟ୍ରାକ୍ଟର ଜବତ କରାଯାଇଛି।

# ୨୨ ହେକ୍ଟର ଜମିରେ ହେବ ଚାରା ରୋପଣ

କୁଆମରା,୭।୬(ସମିସ): ଉଦଳା ରେଞ୍ଜ ତଥା କୁଆମରା ଫରେଷ୍ଟ ଅଧୀନରେ ଥିବା ଧାଉଁଡିଆ ସଂରକ୍ଷିତ ଜଙ୍ଗଲ ଓ ମାର୍ଶିଗାଁ ସଂରକ୍ଷିତ ଜଙ୍ଗଲରେ ଚଳିତ ବର୍ଷ ନୂଆ ଚାରା ରୋପଣ ହେବ। ଉକ୍ତ ଦୁଇଟି ସ୍ଥାନରେ ମୋଟ ୨୨ ହେକ୍ଟର ଜଙ୍ଗଲ ଜମିରେ ୩୫ ହଜାର ଦୁଇଶହ ଚାରା ରୋପଣ ହେବ ବୋଲି ସୂଚନା ଦେଇଛନ୍ତି କୁଆମରା ବନପାଳ ଅବନୀ କୁମାର ଜେନା। ଏସବୁ ଜଙ୍ଗଲ ଜମିରେ ପିଜୁଳି, ପଣସ, ଶିଶୁ, ଗମ୍ଭାରୀ ପ୍ରମୁଖ ଚାରା ରୋପଣ ହେବ। ସେହିପରି ପରିବେଶ ସୁରକ୍ଷା ନିମନ୍ତେ ୫୦ ହଜାର ଚାରା ସାଧାରଣ ଲୋକଙ୍କୁ ବଣ୍ଟନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଫକୀରମୋହନ ବିଦ୍ୟାଳୟ ପରିସରରେ ଚାରା ରୋପଣ

କପ୍ତିପଦା,୭।୬(ସମିସ): କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପରାସବଣିସ୍ଥ ଫକୀରମୋହନ ଉଚ୍ଚବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ବିଦ୍ୟାଳୟର ଇକୋ କ୍ଲବର ସଂଯୋଜକ ନାରାୟଣ ବେହେରାଙ୍କ ନେତୃତ୍ୱରେ ଓ କପ୍ତିପଦା ବନାଞ୍ଚଳ କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆମ୍ବ, ଅଁଳା, ପିଜୁଳି, ଅମୃତଭଣ୍ଡା ଓ ଲେମ୍ବୁ ପ୍ରଭୃତି ୨୬ରୁ ଅଧିକ ଉପାଦେୟ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ପୃଷ୍ଟି, ସଭ୍ୟ ମନୋରଞ୍ଜନ ପୃଷ୍ଟି, ଶିକ୍ଷକ ଶରତ ଚନ୍ଦ୍ର ନାୟକ, ସନାତନ ନାୟକ, ଅଭିମନ୍ୟୁ ସାହୁ, ପ୍ରାକ୍ତନ କର୍ମଚାରୀ ନିରଞ୍ଜନ ପାତ୍ର ଓ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଉକ୍ତ ମହତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅଭିଭାବକ ଓ ଗ୍ରାମବାସୀ ଉକ୍ତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ପରିବେଶ ସୁରକ୍ଷା ପାଇଁ ଏହା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ମତ ପ୍ରକାଶ ପାଇଥିଲା।



# କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷାବୋର୍ଡ ପକ୍ଷରୁ ମାଟ୍ରିକ ପରୀକ୍ଷା

ବାରିପଦା,୭।୬(ସମିସ): ରବିବାର କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷାବୋର୍ଡ ଆନୁକୂଲ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୁଣ୍ଡାରୀ ବାଣୀ ଲିପିରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ମୁଣ୍ଡାରୀ ବାଣୀ ସ୍କୁଲର ପ୍ରଧାନଶିକ୍ଷକମାନେ ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିଲେ। ଝାଡ଼ଖଣ୍ଡ ରାଜ୍ୟର ପରୀକ୍ଷା କେନ୍ଦ୍ରରେ ସ୍କ୍ୱାର୍ଡ ଡ୍ୟୁଟିରେ ଭାରତ ମୁଣ୍ଡା ସମାଜ ଓଡ଼ିଶା ରାଜ୍ୟ ସଭାପତି ରବିନ୍ଦ୍ର ନାଥ ସିଂ, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ଯୁବ କମିଟିର ଅଧ୍ୟକ୍ଷ ସବରନ ସିଂ, ବୋଧ ମୁଣ୍ଡା, ଉମେଶ ଚନ୍ଦ୍ର ମୁଣ୍ଡା ଓ ବଙ୍କିମ ଚନ୍ଦ୍ର ମୁଣ୍ଡା, ଓଡିଶା ରାଜ୍ୟର ପରୀକ୍ଷା କେନ୍ଦ୍ରରେ ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସମ୍ପାଦକ ନାଥ ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂ, ଜୟରାମ ସିଂ, ବସନ୍ତ କୁମାର ସିଂ, (ପାହାନ), ରଘୁନାଥ ସିଂ, (ପାହାନ) ଅନ୍ନପୂର୍ଣ୍ଣା ସିଂ, ବାଜି ସିଂ, ଚନ୍ଦ୍ରମୋହନ ମୁଣ୍ଡାରୀ, ରୋହିଦାସ ସିଂ, ପଶ୍ଚିମବଙ୍ଗ ରାଜ୍ୟର କେନ୍ଦ୍ରରେ ସପନ କୁମାର ସିଂ, ସର୍ଦ୍ଦାର ସିଂ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଅନୁଷ୍ଠିତ ହୋଇପାରିଥିବାରୁ ବୋର୍ଡ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।



ସକାଳ
THE SAKALA



# ଆଜ୍‌ବେଷ୍ଟସ୍ ଭାଙ୍ଗି ଘରେ ପଶିଥିବା ଯୁବକ ବିରୋଧରେ ଏତଲା

ଜଳେଶ୍ୱର ବ୍ଲକ୍,୭।୬(ସମିସ): ଜଳେଶ୍ୱର ଥାନା ବର୍ତ୍ତନା ପଞ୍ଚାୟତ ବର୍ତ୍ତନା ଗ୍ରାମରେ ଏକ ଅଭାବନୀୟଘଟଣାସାମ୍ନାକୁଆସିଛି। ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜଣେ ବିବାହିତ ମହିଳାଙ୍କୁ ଅସଦାଚରଣ ଉଦ୍ଦେଶ୍ୟରେ ରାତି ଅଧରେ ଘରର ଆଜବେଷ୍ଟସ୍ ଭାଙ୍ଗି ଜଣେ ଯୁବକ ଭିତରକୁ ପ୍ରବେଶ କରିଥିବା ମହିଳା ଅଭିଯୋଗ କରିଛନ୍ତି। ବର୍ତ୍ତନା ଗ୍ରାମ ଗ୍ରାମର ମଣ୍ଟୁ ବେହେରାଙ୍କ ସ୍ୱାମୀ କାମ କରିବା ପାଇଁ ଗୋଆରେ ଯାଇ ରହୁଛନ୍ତି। ଗତ ବୁଧବାର ବିଳମ୍ବିତ ରାତିରେ ତାଙ୍କ ପତ୍ନୀ ପଦ୍ମାବତୀ ବେହେରା ନିଜର ଦୁଇ ପିଲାଙ୍କ ସହ ଘରେ ଶୋଇଥିଲେ। ଏହି ସମୟରେ ଗ୍ରାମର ପ୍ରଭାତ ବେହେରା ନାମକ ଜଣେ ଯୁବକ ମନ୍ଦ ଉଦ୍ଦେଶ୍ୟ ରଖି ପଦ୍ମାବତୀଙ୍କ ଘରର ଆଜ୍‌ବେଷ୍ଟସ୍ ଭାଙ୍ଗି ଭିତରକୁ ପଶିଥିଲା। ଯୁବକ ଜଣକ ଭିତରକୁ ଯାଇ ପଦ୍ମାବତୀ ଶୋଇଥିବା ଘରର କବାଟ ବାଡ଼େଇବାବେଳେ ଭୟଭୀତ ଅବସ୍ଥାରେ ପଦ୍ମାବତୀ କବାଟ ନ ଖୋଲି ଭିତରୁ କିଏ ବୋଲି ପଚାରିବାରୁ, ପ୍ରଭାତ ନିଜର ପରିଚୟ ଦେଇଥିଲା। ଅଭିଯୋଗ ଅନୁସାରେ, ପ୍ରଭାତ ଦୀର୍ଘଦିନ ହେବ ପଦ୍ମାବତୀଙ୍କ ଉପରେ ଖରାପ ନଜର ରଖୁଆସୁଥିଲା। ପୂର୍ବରୁ ମଧ୍ୟ ସେ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା। ସ୍ୱାମୀ ବାହାରେ ରହୁଥିବାର ସୁଯୋଗ ନେଇ ପ୍ରଭାତ ବାରମ୍ବାର ହଇରାଣ ହରକତ କରିବା ସହ ବିଭିନ୍ନ ପ୍ରକାର ଧମକଚମକ ଦେଇ ଆସୁଥିଲା। ଏହି ଏହି ଘଟଣା ପରେ ମହିଳା ଜଣକ ନିଜର ଓ ପିଲାମାନଙ୍କର ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଶେଷରେ କୌଣସି ଉପାୟ ନପାଇ ପଦ୍ମାବତୀ ଜଳେଶ୍ୱର ଥାନାରେ ଅଭିଯୁକ୍ତ ପ୍ରଭାତ ବେହେରାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୁଲିସ ଏହି ସମ୍ପର୍କରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ମହିଳା ସୁରକ୍ଷାକୁ ନେଇ ଅଞ୍ଚଳବାସୀ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଝିଅ ଅପହରଣକୁ ବିତିଲାଣି ୩ ମାସ

# ପୁଲିସର ଅସହଯୋଗ; ଜିଲ୍ଲାପାଳଙ୍କୁ ଫେରାଦ

ବାଲେଶ୍ୱର,୭।୬(ସମିସ)

ଝିଅ ଅପହରଣ ହେବାର ୩ ମାସ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯାହାର ପ୍ରତିବାଦରେ ତଥା ନ୍ୟାୟ ପାଇଁ ଜିଲ୍ଲାପାଳ ଓ ଚାଇଲ୍ଡ ଲାଇନର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକେ। ପୁଲିସ ନିଷ୍କ୍ରିୟତା ଓ ଅସଦାଚରଣକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ପରିବାର ଲୋକେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ନୀଳଗିରି ଥାନା ଅନ୍ତର୍ଗତ ଲକ୍ଷ୍ମୀଧର ପରିଡ଼ାଙ୍କ ଝିଅଙ୍କୁ ପ୍ରାୟ ୩ ମାସ ତଳେ ଅପହରଣ କରାଯାଇଥିଲା। ଏ ନେଇ ପରିବାର ପକ୍ଷରୁ ନୀଳଗିରି ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ଦୁଇରୁ ତିନିଥର ଥାନାକୁ ଦୌଡ଼ିବା ପରେ ମଧ୍ୟ ନୀଳଗିରି ଆଇଆଇସି କୌଣସି ପଦକ୍ଷେପ ନେବା ବଦଳରେ ଓଲଟା ରାଗିବା ସହ ଅପମାନିତ କରିଥିବା ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଆଇଆଇସି କହିଛନ୍ତି, "ଆମେ ତ ଖୋଜୁଛୁ, ତୁମେ ମଧ୍ୟ ଖୋଜ, ପାଇଲେ ଜଣାଅ, ଆମେ ଯାଇ ଉଦ୍ଧାର କରିବୁ'। ଥାନାରୁ ଏଭଳି ବାଣୀ ଶୁଣି ନିରାଶ ହେବା ପରେ ପରିବାର ଲୋକେ ଏସ୍‌ପିଙ୍କ ନିକଟକୁ ଯାଇ ଗୁହାରି କରିଥିଲେ। ମାତ୍ର ସେଠାରେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଏସ୍‌ପି ସେମାନଙ୍କୁ କହିଥିଲେ, "ତୁମେ ତ ଥରେ ଆସିଥିଲ, ପୁଣି କାହିଁକି ଆସିଛ? ଏଠି କ'ଣ ଲମ୍ବା ଚେୟାର



ପାଇଛ ଆସି ବସିପଡ଼ୁଛ, ତୁମ କଥା ଆମେ ବୁଝିବୁ? ଏଭଳି ବ୍ୟବହାର କରି ସେମାନଙ୍କୁ ବିଦା କରିଦେଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ନିଖୋଜ ଯୁବତୀଙ୍କ ଭାଇ କାର୍ତ୍ତିକ ପରିଡ଼ାଙ୍କ କହିବା ଅନୁଯାୟୀ,

**ନ୍ୟାୟ ନମିଳିଲେ ଆତ୍ମହତ୍ୟା କରିବେ ସପରିବାର**

ରାଇମଣି ସାହିର ମଧୁସୂଦନ ମଲ୍ଲିକ ନାମକ ଜଣେ ଯୁବକ ତାଙ୍କ ଭଉଣୀଙ୍କୁ ଅପହରଣ କରିଛି। ଉକ୍ତ ଯୁବକ ଜଣକ ପୂର୍ବରୁ ୪ଟି ବିବାହ କରିସାରିଛି ଏବଂ ସେ ନାବାଳିକା ଓ ଅଳ୍ପବୟସ୍କା ଝିଅମାନଙ୍କୁ ଟାର୍ଗେଟ୍ କରୁଛି। ପୂର୍ବରୁ ସେ ଜଣେ ଝିଅକୁ ଅପହରଣ କରି ୩-୪ ବର୍ଷ ରଖିବା ପରେ ଚୂନ-କଳା ବୋଲି ଛାଡ଼ି ଦେଇଥିଲା ଏବଂ ତାଙ୍କର ଦୁଇଟି ପିଲାଙ୍କୁ ମଧ୍ୟ ମାରିଦେଇଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କାର୍ତ୍ତିକ। ଏହି ଅପରାଧରେ ମଧୁସୂଦନଙ୍କ ଭଉଣୀ ରଞ୍ଜିତା ମଲ୍ଲିକ ମଧ୍ୟ ସାମିଲ ଥିବା ସେ କହିଛନ୍ତି। ଏ ନେଇ ପରିବାର ଲୋକେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ମଧ୍ୟ ଜିଲ୍ଲାପାଳଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ଶେଷରେ ସେମାନେ ଚାଇଲ୍ଡ ପ୍ରୋଟେକ୍ସନ ଅଫିସରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଓ ପ୍ରଶାସନ ଉପରୁ ସମ୍ପୂର୍ଣ୍ଣ ଭରସା ତୁଟିଯାଇଥିବା ବେଳେ ଯଦି ଝିଅକୁ ଉଦ୍ଧାର କରାନଯାଏ ଏବଂ ଅଭିଯୁକ୍ତକୁ ଦଣ୍ଡ ନମିଳେ, ତେବେ ପରିବାର ସମୂହ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ଉତ୍ସବ

କାଳିପଦା,୭।୬(ସମିସ): ବାଲିଆପାଳ ବ୍ଲକ୍ ବଳରାମପୁର ପଞ୍ଚାୟତର ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଦ୍ୱିତୀୟ ପର୍ଯ୍ୟାୟ କ୍ରମରେ ଓଡ଼ିଶା ପାଇଁ ୨୦୪ଟି ପ୍ରାଥମିକ ବିଦ୍ୟାଳୟକୁ ଏହି ଆଦର୍ଶ ଯୋଜନାରେ ସ୍ଥାନ ଦେଇଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଏହି ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ। ଏହି ବିଦ୍ୟାଳୟରେ ଉଚ୍ଚକୋଟୀର ସ୍ମାର୍ଟ କ୍ଲାସ୍‌ରୁମ୍, ବିସ୍ତୃତ ଖେଳ ପଡ଼ିଆ, ପାଠାଗାର ଓ ପଠନ କେନ୍ଦ୍ର,



ବିଜ୍ଞାନାଗାର, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଛାତ୍ର ଓ ଛାତ୍ରୀ ନିବାସ, ଆର୍ଥିକ ସହାୟତା ଆଦି ଦେବାର ପ୍ରାବଧାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କର ଆଭାସୀ ଅଭିଭାଷଣରେ କହିଥିଲେ। ଗୁଣାତ୍ମକ ଶିକ୍ଷାର ଏହା ପ୍ରୟୋଗଶାଳା ହୋଇବ ବୋଲି ସେ ମଧ୍ୟ କହିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ସିସି ବଂଶୀଧର ନାୟକ, ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ସଭାପତି ବିଶ୍ୱମ୍ବର ପାତ୍ର, ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ପ୍ରାକ୍ତନ ସମିତି ସଦସ୍ୟ ନିତ୍ୟାନନ୍ଦ ପାଣିଗ୍ରାହୀ, ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ସମିତି ସଦସ୍ୟ ମୀନକେତନ ଦାସ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ହରେନ୍ଦ୍ର ନାଥ ବେହେରା, ବିଜୟ କୁମାର ପାତ୍ର ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଧନେଶ୍ୱର ମାରାଣ୍ଡି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ବ୍ୟୋମକେଶ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଚରମକଳା କ୍ଷେତ୍ରର ବାର୍ଷିକ କଳା ହସ୍ତଶିଳ୍ପ ପ୍ରଦର୍ଶନୀ

ଆନନ୍ଦପୁର,୭।୬(ସମିସ): ଘଷିପୁରାସ୍ଥିତ ଥାନା ସମ୍ମୁଖ ରାୟ କଲୋନୀଠାରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଚରମ କଳା କ୍ଷେତ୍ରର ବାର୍ଷିକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଏବଂ ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୦୦ ଚିତ୍ରକଳା ଏବଂ ସୃଜନଶୀଳ କଳାକୃତି ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ସତ୍ୟପ୍ରକାଶ ବଳ, ଅଧ୍ୟକ୍ଷ ଦୀପ୍ତିମଞ୍ଜରୀ କୁଅଁର, ପରାମର୍ଶଦାତା ଆଶିଷ କୁମାର ରାୟ, ବ୍ରହ୍ମାନନ୍ଦ ଜେନା ଏବଂ ପ୍ରିୟଲକ୍ଷ୍ମୀ ଶାଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଶିକ୍ଷାବିତ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସଙ୍ଗୀତ ନିର୍ଦ୍ଦେଶକ



ଯଶୋବନ୍ତ ପାଢ଼ୀ, ବୈଦ୍ୟଗୁରୁ ଅରୁଣ ସାହୁ ଓ ନୃତ୍ୟଗୁରୁ ଅନସୂୟା ଜେନା, ଚିତ୍ରଶିଳ୍ପୀ ନୂତନ ସ୍ୱାଇଁ ଛାତ୍ରଛାତ୍ରୀଙ୍କ କଳା ପ୍ରତିଭାକୁ ପ୍ରଶଂସା କରିଥିଲେ। ସେମାନଙ୍କୁ ସୃଜନଶୀଳ ଉତ୍କର୍ଷତା ହାସଲ କରିବାକୁ ଉତ୍ସାହିତ କରିଥିଲେ। ଏହି ପରୀକ୍ଷାକୁ କୋଲକାତାର ସୁର ଭାରତୀ କଳା କେନ୍ଦ୍ରର ବାହ୍ୟ ପରୀକ୍ଷକ ଦୁର୍ଜୟ କେତନ ବେହେରା ପରିଚାଳନା କରିଥିଲେ। ଭଦ୍ରକ, ବାଲେଶ୍ୱର, ଯାଜପୁର, ଘଟଗାଁ, ଆନନ୍ଦପୁର, ଘଷିପୁରା, କେଶଦୁରାପାଳ, ବ୍ରାହ୍ମଣୀପାଳ ଏବଂ ଦେଓଗାଁର ତଥା ବିଭିନ୍ନ ଉପାନ୍ତର ୮୨ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହିତ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଚିତ୍ରକଳା, ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ପ୍ରଦର୍ଶନ ଏବଂ ସୃଜନଶୀଳତା କାର୍ଯ୍ୟକ୍ରମ କରାଯାଇଥିଲା।

# ରିଜର୍ଭ ପୁଲିସ ପଡ଼ିଆରେ ଚାରାରୋପଣ

ବାଲେଶ୍ୱର,୭।୬(ସମିସ): ସ୍ଥାନୀୟ ରିଜର୍ଭ ପୁଲିସ ଗ୍ରାଉଣ୍ଡ ପରିସରରେ ବାଲେଶ୍ୱର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଫଳ ଚାରା ରୋପଣ କରାଯାଇଥିଲା। ଗଛଟିଏ ଲଗାଇବା ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର, ନନ୍ଦିଘୋଷ ଟିଭିର ବ୍ୟୁରୋ ଚିଫ୍ ତଥା ଜାତୀୟ ଯୁବ ପୁରସ୍କାର ବିଜେତା ସୁବ୍ରତ କୁମାର ଦାସ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ମହତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଡିଏସ୍‌ପି



ଯେତିକି ସହଜ, ତାକୁ ସୁରକ୍ଷିତ ଭାବେ ବଞ୍ଚାଇ ବଡ଼ କରିବା ସେତିକି କଷ୍ଟକର ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିବା ସହ ସମସ୍ତଙ୍କୁ ଜୀବନରେ ଗୋଟିଏ ଗଛ ଲଗାନ୍ତୁ ଏବଂ ଏହି ବୃକ୍ଷର ଯତ୍ନ ନେଇ ବଞ୍ଚାନ୍ତୁ ବୋଲି କହିଥିଲେ। ଏହି ସାମାଜିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଜ୍ଞା ମହାନ୍ତି, ଟାଉନ୍ ଥାନା ଆଇଆଇସି ବିଜୟ କୁମାର ଦାସ ଏବଂ ସହଦେବଖୁଣ୍ଟା ଥାନା ଆଇଆଇସି ଆଲୋକ କୁମାର ବେହେରାଙ୍କ ସମେତ ସମଗ୍ର ପୁଲିସ ଟିମ୍ ସକ୍ରିୟ ଭାବେ ସହଯୋଗ କରିଥିଲେ। ପୁଲିସ ପ୍ରଶାସନର ଏଭଳି ପରିବେଶ ଅନୁକୂଳ ପଦକ୍ଷେପକୁ ବିଭିନ୍ନ ମହଲରେ ବେଶ୍ ପ୍ରଶଂସା କରାଯାଇଛି।

# ଜଳେଶ୍ୱର ରୋଟାରୀ କ୍ଲବ୍ ପକ୍ଷରୁ ମେଗା ରକ୍ତଦାନ ଶିବିର ୧୪ରେ



ଜଳେଶ୍ୱର,୭।୬(ସମିସ): ଜଳେଶ୍ୱର ରୋଟାରୀ କ୍ଲବ୍ ଓ ରୋଟ୍ରାକ୍ଟ କ୍ଲବ ତଥା ନରସିମା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ସେଚ୍ଛାକୃତ ରକ୍ତଦାନ ଶିବିର ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ରାଜେଶ କୁମାର ଖଟୁଆଙ୍କ ଜନ୍ମଦିନ ଉଦ୍ଦେଶ୍ୟରେ ଜଳେଶ୍ୱର ନୂଆବଜାର ମୁରଲୀ କଲ୍ୟାଣ ମଣ୍ଡପରେ ଆଗାମୀ ୧୪ ତାରିଖ ରବିବାର ଆୟୋଜିତ ହେବ। ଏ ନେଇ କ୍ଲବ୍ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜଳେଶ୍ୱର ରୋଟାରୀ କ୍ଲବ୍ ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ଅଂଶୁମାନ ରାଉତ, କ୍ଲବ୍ ପୂର୍ବତନ ସଭାପତି ତଥା ଜିଲ୍ଲା ରକ୍ତଦାତା ସଂଘ ଉପସଭାପତି ସୁବ୍ରତ କୁମାର ରଣା, ସମ୍ପାଦକ ମନୋରଞ୍ଜନ ଦାସ, କ୍ଲବ୍ ପୂର୍ବତନ ସଭାପତି ପ୍ରବୀର କୁମାର ପ୍ରଧାନ, ଡାଃ ଦୀପ୍ତିମୟୀ ମହାପାତ୍ର, ଭାସ୍କର ରଞ୍ଜନ ସ୍ୱାଇଁ, ଅଶୋକ କୁମାର ମହାନ୍ତି, ରୋଟାରିଆନ ଲକ୍ଷ୍ମୀନାରାୟଣ ଶତପଥୀ , ଦୀପ୍ତି ନନ୍ଦୀ, ଓ ଜଳେଶ୍ୱର ରୋଟ୍ରାକ୍ଟ କ୍ଲବ ସଭାପତି ସଂଜୀବ କୁମାର ପାତ୍ର, ନରସିମା କ୍ଲବ ସଭାପତି ରୋନିତ ଦାସ, ସମ୍ପାଦକ କ୍ଷୀତିଶ ବ୍ରହ୍ମ, ସତ୍ୟନାରାୟଣ ଦାସ, ଆଲୋକ ଦାଶ, ରାକେଶ ଜେନା ପ୍ରମୁଖ ଉପସ୍ଥିତ ହୋଇ ଗ୍ରୀଷ୍ମପ୍ରବାହରେ ରକ୍ତର ଅଭାବ ଯୋଗୁଁ ନୂଆବଜାର ମୁରଲୀ କଲ୍ୟାଣ ମଣ୍ଡପର ଶୀତତାପ ନିୟନ୍ତ୍ରିତ କୋଠରିରେ ଆଗାମୀ ୧୪ ତାରିଖ ରବିବାର ଦିନ ଏଭଳି ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଉଛି ବୋଲି କହିଥିଲେ।

● ଭାରତ ଛାଡ଼ ଆନ୍ଦୋଳନର ୮୩ ବର୍ଷ ପୂର୍ତ୍ତି ଅବସରରେ

# ପୁଲିସ ପକ୍ଷରୁ ସାଇକଲ ଯାତ୍ରା

ବାଲେଶ୍ୱର,୭।୬(ସମିସ): ୧୯୪୨ମସିହା ଜୁନ ୭ ତାରିଖରେ ଜାତିର ଜନକ ମହାତ୍ମା ଗାନ୍ଧୀ ବ୍ରିଟିଶ ସରକାରଙ୍କୁ ଦେଶ ଛାଡ଼ି ଚାଲିଯିବା ପାଇଁ 'ଭାରତ ଛାଡ଼' ଆନ୍ଦୋଳନ ଆରମ୍ଭ କରିଥିଲେ। ସାରା ଦେଶରେ ସ୍ୱାଧୀନତା ସଂଗ୍ରାମୀମାନେ ବାପୁଙ୍କ ଡାକରାରେ ଏହି ଆନ୍ଦୋଳନରେ ସାମିଲ ହୋଇ ଦେଶ ବ୍ୟାପି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ଆନ୍ଦୋଳନ ଡାକରାର ଆଜି ୮୩ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ପୁଲିସ ବାହିନୀ ପକ୍ଷରୁ ଶତାଧିକ ଚାରା ରୋପଣ କରାଯାଇଥିବା ବେଳେ ସକାଳ ୭ଟା ରେ ଜିଲ୍ଲା ରିଜର୍ଭ ପୁଲିସ ପଡ଼ିଆ ଠାରୁ ସାଇକଲ ଯାତ୍ରା କରାଯାଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସମେତ ଡିଏସ୍‌ପି ପ୍ରଜ୍ଞା ମହାନ୍ତି, ରିଜର୍ଭ ପୁଲିସ ବାହିନୀର ସହକାରୀ କମାଣ୍ଡାଣ୍ଟ ପ୍ରମୁଖ ସାମିଲ ହୋଇଥିଲେ। ରିଜର୍ଭ ପୁଲିସ ପଡ଼ିଆରୁ ସାଇକେଲ ରାଲି ବାହାରି ପୁଲିସ ଲାଇନ ଛକ, ଷ୍ଟେସନ ଛକ, ଫାଣ୍ଡି ଛକ, ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଛକ, ଏଡିଏମ୍ ଛକ, କଣ୍ଠେଇ ଛକ ବାଟଦେଇ ପୁନର୍ବାର ପୁଲିସ ରିଜର୍ଭ ପଡ଼ିଆରେ ରାଲିର ସମାପ୍ତି ହୋଇଥିଲା।




# ଜିଲ୍ଲା କାରାଗାରରେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା



ବାଲେଶ୍ୱର,୭।୬(ସମିସ): ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ପରିବେଶ ଦିବସ ଅବସରରେ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ନିମନ୍ତେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୋ ଭାରତ ଯୁବ ହିସାବ ରକ୍ଷକ ଅମିରନ ରାଉତଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଅଭିଭାଷଣ ରଖିଥିଲେ। ଏହି ପରିପ୍ରେକ୍ଷୀରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋ ଭାରତ ଯୁବ କେନ୍ଦ୍ରରୁ ଆସିଥିବା କ୍ଲବ ଓ ଯୁବ ଅନୁଷ୍ଠାନ ଅନ୍ତେବାସୀଙ୍କ ସହ ପ୍ରତିଯୋଗିତାରେ ଭାଗ ନେବାରେ ସୁଯୋଗ ପାଇଥିଲେ। ଏହି ସଭାରେ ଜିଲ୍ଲା କାରାଗାର ଅଧୀକ୍ଷକ ସୁଚିତ୍ରା ଦାସ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କାରାଗାର କାରା ପାଳ ପ୍ରଦୀପ୍ତ କୁମାର ମହାଳିକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଅନ୍ୟତମ ଅତିଥି ଜିଲ୍ଲା କାରାଗାର ଉପ ସହ କାରପାଳ ଘନଶ୍ୟାମ ନାୟକ ଏବଂ କାରାଗାର କାରା ମଙ୍ଗଳ ଅଧିକାରୀ ଜୟରାମ ମେହେର ଉପସ୍ଥିତ ରହିଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା କ୍ଲବ ବିର୍ସା ମୁଣ୍ଡା ମୁଣ୍ଡାରୀ ନୃତ୍ୟ (ନୀଳଗିରି), ମା' ମହାବଳି ଆଦିବାସୀ କ୍ଲବ୍ (ନୀଳଗିରି) ଉତ୍କଳା ମହିଳା ସଂଗଠନ (ସଦର)ରେ ହୋପ୍ ଫାଉଣ୍ଡେସନ ଏମିତି ଅନେକ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଗଛ ଲଗାଇଥିଲେ। ବରିଷ୍ଠ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଉତ୍କଳା କଲଚରାଲ ଅଧ୍ୟକ୍ଷ ବିକ୍ରମ ବାରିକ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଉତ୍କଳା କଲଚରାଲର ଶୁଭଲକ୍ଷ୍ମୀ ପରିଡ଼ା, ଗାୟତ୍ରୀ ବାରିକ, ମେଘମାଳା ମଲିକ, ଜୟସ୍ମିତା ବେହେରା, ଅର୍ପଣ କ୍ରିଷ୍ଣା ଦେ, ଶୁଭମ ସିଂହ ପ୍ରମୁଖ ଯୋଗଦାନ କରିଥିଲେ।

## ନୂଆ ଅଟଳ ବସ୍‌ଷ୍ଟାଣ୍ଡକୁ ପଶୁନି ଘରୋଇ ବସ୍

# ଗାନ୍ଧୀ ଛକରେ ବସ୍ ରହଣି ଯୋଗୁଁ ବଢୁଛି ଟ୍ରାଫିକ ସମସ୍ୟା

ବସ୍ତା ବ୍ଲକ୍,୭।୬(ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ମଥାନୀଠାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଅଟଳ ବସ୍‌ଷ୍ଟାଣ୍ଡ ଭିତରକୁ କୌଣସି ଘରୋଇ ବସ୍ ଯାଉନଥିବାରୁ ଯାତ୍ରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷେ ବସ୍ ସବୁ ଗାନ୍ଧୀ ଛକଠାରେ ଅଟକି ରହୁଥିବାରୁ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ବସ୍‌ଷ୍ଟାଣ୍ଡ ଥାଇବି ଘରୋଇ ବସ୍‌ଷ୍ଟାଣ୍ଡରେ ରହଣି ନକରିବା ଜାଣି ମଧ୍ୟ ଆଞ୍ଚଳିକ ପରିବହନ ବିଭାଗ ଚୁପ୍ ବସିବା ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ ଗତ ନବୀନ ପଟ୍ଟନାୟକ ସରକାର ସମୟରେ ପ୍ରତି ବ୍ଲକରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ଯୋଜନାରେ ବସ୍ତା ବ୍ଲକ୍‌ର ମଥାନୀ ଠାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରିବା ସହିତ ମୋହନ ମାଝୀ ସରକାରରେ ଏହାର






ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସରିଛି। ଯାତ୍ରୀଙ୍କ ପାଇଁ ସବୁ ପ୍ରକାର ସୁବିଧା ଥିବା ବେଳେ କେବଳ ୪ ଟି ସରକାରୀ ମୁଖ୍ୟମନ୍ତ୍ରୀ ବସର ଯିବା ଆସିବା କୁ ନେଇ ଚାଲିଛି ବସ୍ତା ବସ ଷ୍ଟାଣ୍ଡ। ଅନ୍ୟ ପକ୍ଷେ ଗାନ୍ଧୀ ଛକ ରେ ଯାତ୍ରୀ ବାହି ବସ ଦୀର୍ଘ ସମୟ ଧରି ରହଣି କରି ନିଜ ରୁଟ୍ ସମୟ ମୁତାବକ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଉଥିବା ରୁ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ପ୍ରକାଶ ଯେ କଲିକତା, ପୁରୀ, ବାରିପଦା, ବାଲିଆପାଳ ରାସ୍ତାର ମିଳନସ୍ଥଳ ହେଉଛି ଗାନ୍ଧୀ ଛକ। ପ୍ରତ୍ୟେକ ଦିନ ୫୦ ରୁ ଊର୍ଦ୍ଧ୍ୱ ବେସରକାରୀ ବସ ଏହି ଗାନ୍ଧୀ ଛକ ଦେଇ ଯାତାୟାତ କରିଥାନ୍ତି। ଏଥିସହିତ ବେଳେବେଳେ ୪ /୫ ଟି ବସ ଗାନ୍ଧୀ ଛକରେ ରହଣି କରିଥାଏ। ବସ ସବୁ ରହିବା ଦ୍ୱାରା ଗାନ୍ଧୀ ଛକ ରାସ୍ତା ଜାମ୍ ହୋଇପଡ଼େ। ତାହା ସହିତ ରାସ୍ତା ଉପରେ ମାଳ ମାଳ ଉଠା ଦୋକାନୀଙ୍କ ପସରା। ଏହି ରାସ୍ତା ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ବଡ଼ ବଡ଼ ଟ୍ରକ୍, ଡମ୍ପର, ଟ୍ରାକ୍ଟର ସହିତ ଛୋଟ ବଡ଼ ଯାନବାହନ ପାଇଁ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଆମ୍ବୁଲାନ୍ସ, ଦମକଳ ଭଳି ଗାଡ଼ି ଯିବାରେ ଅନେକ ବିଳମ୍ବ ହେଉଛି। ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀ ବିଶେଷ କରି ଅତି ହଇରାଣ ହେଉଛନ୍ତି। ଶୌଚାଳୟ ଯିବା ଓ ପାଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଅନ୍ୟ ପକ୍ଷେ ରାତିରେ ଯାତାୟାତ କରୁଥିବା ବସ ରେ ଯିବା ପାଇଁ ମହିଳା ଯାତ୍ରୀ, ରୋଗୀ ଓ ତାଙ୍କ ସମ୍ପର୍କୀୟ ସୁରକ୍ଷିତ ମଣୁ ନାହାନ୍ତି। ଅନ୍ୟ ପକ୍ଷେ ବସ ଷ୍ଟାଣ୍ଡ ରେ ଯାତ୍ରୀ ଙ୍କ ପାଇଁ ସବୁ ସୁବିଧା ରହିଛି। ଯାତ୍ରୀ ବିଶ୍ରାମ ଗାର, ଶୌଚାଳୟ, ପିଇବା ପାଣି ର ସୁବିଧା, ମୋବାଇଲ ରିଚାର୍ଜ୍‌ର୍, ସିକ୍ୟୁରିଟି ବ୍ୟବସ୍ଥା, ଡ୍ରାଇଭରଙ୍କ ବିଶ୍ରାମାଗାର ବ୍ୟବସ୍ଥା ଭଳି ଅନେକ ସୁବିଧା ଥିବା ସତ୍ତ୍ୱେ ବସ ଯାତ୍ରୀମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଏହି ବସ୍‌ଷ୍ଟାଣ୍ଡ କେବଳ ସରକାରୀ ମୁଖ୍ୟମନ୍ତ୍ରୀ ବସକୁ ଜଗିଛି। ବସ ମାଲିକମାନେ ବସ୍‌ଷ୍ଟାଣ୍ଡ ଭିତରେ ବସ୍ ପୂରାଇବାକୁ ରାଜି ହେଉ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହିଭଳି ଘଟଣା ଦେଖି ପରିବହନ ବିଭାଗ ପୁଲିସ ସହିତ ପ୍ରଶାସନିକ ଅଧିକାରୀ ନିରବ ଦ୍ରଷ୍ଟା ସାଜିବା ଯାତ୍ରୀଙ୍କୁ ବିସ୍ମିତ ଓ ବ୍ୟଥିତ କରିଛି। ପରିବହନ ବିଭାଗ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସବୁ ମହଲରେ ଦାବି ହୋଇଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରସନ୍ନ କୁମାର ମିଶ୍ର
ବାହାଡ଼ା, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ : ୦୨/୧୧/୧୯୪୨
ତିରୋଧାନ : ୨୮/୦୫/୨୦୨୬
ତୁମର ଆଦର୍ଶ ଓ କର୍ମ ଆମ ହୃଦୟରେ ସର୍ବଦା ଅମର ହୋଇ ରହିବ। ଆଜି ମଧ୍ୟ ବିଶ୍ୱାସ କରିହେଉ ନାହିଁ ଯେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ଆର ପାରିକୁ ଚାଲି ଯାଇଛ। ତୁମ ଅମ୍ଳାନ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣେଜୀ ଓ ପରିବାର ବର୍ଗ

